ଏଲ୍. ଏଲ୍. ସୁଧାକର ରେଡ୍ଡୀ ଏବଂ ଅନ୍ୟମାନେ

ବନାମ

ଆନ୍ଧ୍ର ପ୍ରଦେଶ ରାଜ୍ୟ ଏବଂ ଅନ୍ୟମାନେ

ଅଗଷ୍ଟ 9,2001

[ସୟଦ୍ ଶାହ ମହମ୍ମଦ୍ କାଦରୀ ଏବଂ ଏସ୍. ଏନ୍. ଫୁକାନ୍ ନ୍ୟାୟମୂର୍ତ୍ତିଦ୍ୱୟ]

*ଆନ୍ଧ୍ର ପ୍ରଦେଶ ଜମି ଜବରଦଖଲ (ନିଷେଧ) ଅଧିନିୟମ, 1982:*

*ଧାରା 8 ଏବଂ 17 - A - ଜମି ଜବରଦଖଲ କରାଯାଇଥିବା ଅଭିଯୋଗ-ମଣ୍ଡଳ ରାଜସ୍ୱ ଅଧିକାରୀଙ୍କ ଦ୍ୱାରା ସ୍ୱତନ୍ତ୍ର ଅଦାଲତରେ ଆବେଦନ-ଅନୁମୋଦିତ- ଆଜ୍ଞାଦେଶ ଆବେଦନ - ଉଚ୍ଚ ନ୍ୟାୟାଳୟ ଙ୍କ ଦ୍ୱାରା ଏହା ଧରି ନିଆଯାଇ ଆବେଦନ ଖାରଜ ହେଲା ଯେ ଆଜ୍ଞାଦେଶ ଆବେଦନକାରୀଙ୍କ ଧାରା 8 ଏବଂ 17 - A ଅନୁଯାୟୀ ସମୀକ୍ଷା ପାଇଁ ସୁଯୋଗ ଥିଲା - ଆହୁରି, ସେମାନେ ସ୍ୱତ୍ୱ ଏବଂ ଅଧିକାରର ଘୋଷଣା ନିମିତ୍ତ ମକଦ୍ଦମା ଦାୟର କରିପାରିଥାନ୍ତେ- ରାୟ ଦିଆଗଲା ଯେ ଉଚ୍ଚ ନ୍ୟାୟାଳୟ ଏହି ଅନୁଧ୍ୟାନ କରିଥିଲେ ଯେ ଆବେଦନକାରୀମାନେ ଧାରା 17 - A ଅନୁଯାୟୀ ସମୀକ୍ଷା ପ୍ରତିକାରର ସୁବିଧା ଉଠାଇ ପାରିଥାନ୍ତେ - ମକଦ୍ଦମାର ପ୍ରତିକାର ସମ୍ବନ୍ଧରେ, ଧାରା 8(2) , r/ws. 15 କୁ ଦୃଷ୍ଟିରେ ରଖି ଆବେଦନକାରୀମାନଙ୍କ ଦ୍ୱାରା ସ୍ୱତ୍ୱ ଘୋଷଣା ନିମିତ୍ତ ଜମି ଜବରଦଖଲ ହୋଇଥିବା ଅଭିଯୋଗ ସମ୍ବନ୍ଧରେ ମକଦ୍ଦମାକୁ ବଜାୟ ରଖି ହେବ ନାହିଁ- ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ବାତିଲ କରିଦିଆଗଲା - ଉଚ୍ଚ ନ୍ୟାୟାଳୟ ଆଜ୍ଞାଦେଶ ଆବେଦନର ନୂତନ ନିଷ୍ପତ୍ତି ନେବେ ।*

*ଧାରା 8 (2) r/w.s.15 - ଜମି ଜବରଦଖଲ ହୋଇଛି ବୋଲି ଅଭଯୋଗ କରାଗଲା - ଏହା ସମ୍ବନ୍ଧରେ ମକଦ୍ଦମା ସ୍ୱତ୍ୱ - ରାୟ ଦିଆଗଲା ଯେ ଏହାକୁ ବଜାୟ ରଖାଯାଇ ପାରିବ ନାହିଁ ।*

*ଭାରତର ସମ୍ବିଧାନ, 1950;*

*ଅନୁଚ୍ଛେଦ 226 - ଆନ୍ଧ୍ର ପ୍ରଦେଶ ଜମି ଜବରଦଖଲ (ନିଷେଧ) ଅଧିନିୟମ, 1982 ଅଧୀନରେ ସ୍ୱତନ୍ତ୍ର ଅଦାଲତଙ୍କ ଆଦେଶ ବିରୁଦ୍ଧରେ ଆଜ୍ଞାଦେଶ ଆବେଦନ - ଉଚ୍ଚ ନ୍ୟାୟାଳୟ ଅନୁଧ୍ୟାନ କଲେ ଯେ ଧାରା 17- A ଅନୁଯାୟୀ ସମୀକ୍ଷା ଏବଂ ସ୍ୱତନ୍ତ୍ର ଅଦାଲତର ଆଦେଶର*

*ଯୋଗ୍ୟତା ଉପରେ ଯଥାର୍ଥତା ସାବ୍ୟସ୍ତ କରି ଆଜ୍ଞାଦେଶ ଆବେଦନକୁ ଖାରଜ କରିବାର ପ୍ରତିକାର ଉପଲବ୍ଧ ଥିଲା - ରାୟ ଦିଆଗଲା ଯେ ଉଚ୍ଚ ନ୍ୟାୟାଳୟ ଯୋଗ୍ୟତା ଉପରେ କୌଣସି ମତ ପ୍ରକାଶ କରିବା ଉଚିତ୍ ହୋଇ ନଥାନ୍ତା - ଆନ୍ଧ୍ର ପ୍ରଦେଶ ଜମି ଜବରଦଖଲ (ନିଷେଧ) ଅଧିନିୟମ, 1982 ।*

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 6731/1994

ଆଜ୍ଞା ଦେଶ ଆବେଦନ ସଂଖ୍ୟା 904/1992 ସହ ଆଜ୍ଞା ଦେଶ ଆବେଦନ ସଂଖ୍ୟା 680/1992 ରେ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କର ତାରିଖ 23.7.1992 ର ରାୟ ଏବଂ ଆଦେଶରୁ ବର୍ତ୍ତମାନର ଏହି ଆବେଦନ ।

ମେସର୍ସ ଅର୍ପୁଥମ୍ , ଅରୁଣା ଆଣ୍ଡ କମ୍ପାନୀ ଏବଂ ଆବେଦନକାରୀମାନଙ୍କ ପାଇଁ ତରଫରୁ ଶ୍ରୀଯୁକ୍ତ ପି. ଏସ୍. ମିଶ୍ର, ଶ୍ରୀଯୁକ୍ତ ଏ. ମାରିୟାରପୁଥମ, ସୁଶ୍ରୀ ଅରୁଣା ମାଥୁର, ସୁଶ୍ରୀ ଏସ୍. ରାଣୀ, ଶ୍ରୀଯୁକ୍ତ ଅନୁର୍ଗ ଡି. ମାଥୁର ।

ଉତ୍ତରଦାତାମାନଙ୍କ ପାଇଁ ସୁଶ୍ରୀ କେ. ଅମରେଶ୍ୱରୀ, ଶ୍ରୀ ଜି. ପ୍ରଭାକର ଏବଂ ଶ୍ରୀ କେ. ରାମ କୁମାର ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଗଲା ।

*CA 6731/1994*

ଏହି ଆବେଦନ ହାଇଦ୍ରାବାଦସ୍ଥିତ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟ ର ଦୁଇଜଣିଆ ଖଣ୍ଡପୀଠ ଙ୍କ 23 ଜୁଲାଇ, 1992ର ଆଜ୍ଞାଦେଶ ଆବେଦନ ସଂଖ୍ୟା 680/1992 ରେ ରାୟ ଏବଂ ଆଦେଶ ବିରୁଦ୍ଧରେ ନିର୍ଦ୍ଦେଶିତ ହୋଇଛି, ଯାହା ଆଜ୍ଞାଦେଶ ଆବେଦନ ସଂଖ୍ୟା 9846/1989ରେ ତାରିଖ ଜୁନ୍ 16,1992ରେ ପାରିତ ବିଦ୍ୱାନ ଏକକ ବିଚାରପତିଙ୍କ ଆଦେଶକୁ ନିଶ୍ଚିତ କରୁଛି, ଯାହା ଦ୍ୱାରା ଆବେଦନକାରୀମାନଙ୍କ ଦ୍ୱାରା ଦାଖଲ ହୋଇଥିବା ଆଜ୍ଞାଦେଶ ଆବେଦନକୁ ଖାରଜ କରାଗଲା ।

ଆନ୍ଧ୍ର ପ୍ରଦେଶ ରାଜ୍ୟର ପ୍ରତିନିଧିତ୍ୱ କରୁଥିବା ଗୋଲକୋଣ୍ଡା ର ମଣ୍ଡଳ ରାଜସ୍ୱ ଅଧିକାରୀ, ଯିଏକି ପ୍ରଥମ ଉତ୍ତରଦାତା ଅଟନ୍ତି, ସେ ଆନ୍ଧ୍ର ପ୍ରଦେଶ ଜମି ଜବରଦଖଲ (ନିଷେଧ) ଅଧିନିୟମ, 1982ର ଧାରା 8 (ଏହା ପରେ 'ଅଧିନିୟମ' ଭାବରେ ସୂଚିତ) ଅନୁଯାୟୀ ଏକ ଆବେଦନ ଦାଖଲ କରିଥିଲେ, ଯାହାର ସଂଖ୍ୟା ଏହି ଅଧିନିୟମ ଅନୁଯାୟୀ ସ୍ୱତନ୍ତ୍ର ଅଦାଲତରେ (ସଂକ୍ଷେପରେ ସ୍ୱତନ୍ତ୍ର ଅଦାଲତ) LGC 1988 ଥିଲା । ସ୍ୱତନ୍ତ୍ର ଅଦାଲତରେ ପ୍ରାସଙ୍ଗିକ ଅଭିଯୋଗ ହେଉଛି ଯେ

ଆବେଦନଟି ଥିଲା ଯେ ପ୍ରଥମ ଆବେଦନକାରୀ ହାଇଦ୍ରାବାଦର 10 ନମ୍ବର ବଞ୍ଜାରା ରୋଡ ଶୈକପେଟ ଗ୍ରାମରେ ଅବସ୍ଥିତ ସର୍ଭେ ସଂଖ୍ୟା 403/1 ରେ 5 ଏକର ପର୍ଯ୍ୟନ୍ତ ସରକାରୀ ଜମିକୁ ଜବରଦଖଲ କରିଥିଲେ (ସଂକ୍ଷେପରେ 'ବିବାଦୀୟ ଜମି'), ତାକୁ ଭାଗ କରି ଉତ୍ତରଦାତା ସଂଖ୍ୟା 2 ରୁ 15 ଯେଉଁମାନଙ୍କୁ ଏଠାରେ ଆଗ୍ରହୀ ବ୍ୟକ୍ତି ଭାବରେ ବିବେଚନା କରାଯାଇଥିଲା ସେମାନଙ୍କୁ ବିକ୍ରି କଲେ । ଅଭିଯୋଗ ହୋଇଥିଲା ଯେ ସରକାରୀ ନଥି ଅନୁଯାୟୀ ଶୈକପେଟ ଗାଁର ସର୍ଭେ ସଂଖ୍ୟା 403/1 ରେ ଭାଗ 11,12 ଏବଂ 13ଟି ସ୍ୱୀକୃତିପ୍ରାପ୍ତ ନଥିଲା ତେଣୁ ଏଗୁଡ଼ିକୁ ସରକାରୀ ଜମି ଭାବରେ ବିବେଚନା କରାଯାଉଥିଲା ।ସେହି ଆବେଦନ ଉପରେ ସ୍ୱତନ୍ତ୍ର ନ୍ୟାୟାଳୟ ଏହି ମାମଲାକୁ ସଜ୍ଞାନକୁ ନେଇଥିଲେ ଏବଂ ନଭେମ୍ବର 7,1988 ର ଆନ୍ଧ୍ର ପ୍ରଦେଶ (ଅସାଧାରଣ) ରାଜପତ୍ରରେ ଅଧିନିୟମର ଧାରା 8 (6) ଅନୁଯାୟୀ ବିଜ୍ଞପ୍ତି ଜାରି କଲେ । ଯାଞ୍ଚ ରିପୋର୍ଟ ଅନୁଯାୟୀ ରାଜସ୍ୱ ଅଧିକାରୀଙ୍କ ଦ୍ୱାରା ଦିଆଯାଇଥିବା ବସ୍ତୁ ଉପରେ, ବିବାଦୀୟ ଜମି ଦଖଲରେ ଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ବିଜ୍ଞପ୍ତି ଜାରି କରାଯାଇଥିଲା । ଯଦିଓ ସେମାନେ ସ୍ୱତନ୍ତ୍ର ଅଦାଲତରେ LGC 21/88 ର ପକ୍ଷ ଥିଲେ, ସେମାନେ ଏହି ଆବେଦନରେ ପକ୍ଷଭୁକ୍ତ ନୁହଁନ୍ତି । ପ୍ରଥମ ଆବେଦନକାରୀ ନିବେଦନ କରିଥିଲେ ଯେ ସେ ବିବାଦୀୟ ଜମିକୁ ଏହାର ମାଲିକ ଏବଂ ଦଖଲକାରୀ , ଆବେଦନକାରୀ ସଂଖ୍ୟା 2 ରୁ 4 ଠାରୁ କିଣିବାକୁ ରାଜି ହୋଇଥିଲେ ଏବଂ ବିକ୍ରୟ ପାଇଁ ଚୁକ୍ତିନାମା ଅନୁଯାୟୀ ଦଖଲ ହାସଲ କରିଥିଲେ । ସେ ବିବାଦୀୟ ଜମି ଜବରଦଖଲ କରିଥିବା ଅଭିଯୋଗକୁ ଅସ୍ୱୀକାର କଲେ ।

ନଥିରେ ଥିବା ପ୍ରମାଣ ଉପରେ ବିଚାର କରି ସ୍ୱତନ୍ତ୍ର ଅଦାଲତ ରାୟ ଦେଇଥିଲେ ଯେ ସରକାର ହେଲେ ବିବାଦୀୟ ଜମିର ମାଲିକ ଏବଂ ଏଠାରେ ଉତ୍ତରଦାତା ମାନେ ହେଲେ ଜମି ଜବରଦଖଲକାରୀ ଏବଂ ସେମାନଙ୍କୁ ବିବାଦୀୟ ଜମିକୁ ବେଦଖଲ କରିବା ପାଇଁ ନିର୍ଦ୍ଦେଶ ଦେଲେ । ଏହା ସ୍ପଷ୍ଟ କରାଯାଇଥିଲା ଯେ ଧାରା 8 ର ଉପଧାରା 7 ର ପ୍ରାବଧାନ ଅନୁଯାୟୀ ବିଜ୍ଞପ୍ତି ଜାରି କରାଯାଇ ନାହିଁ । ଏହିପରି ପ୍ରଥମ ଉତ୍ତରଦାତା (LGC 21/88) ଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନକୁ ଜୁନ୍ 1,1989 ରେ ସ୍ୱତନ୍ତ୍ର ଅଦାଲତଙ୍କ ଦ୍ୱାରା ଅନୁମତି ଦିଆଯାଇଥିଲା ।

ଅବେଦନକାରୀ ସଂଖ୍ୟା 2 ରୁ 4 ଯେଉଁମାନେ କି ସ୍ୱତନ୍ତ୍ର ଅଦାଲତଙ୍କ ସମ୍ମୁଖରେ ପକ୍ଷ ନଥିଲେ ସେମାନେ ଆଜ୍ଞାଦେଶ ଆବେଦନ ସଂଖ୍ୟା 9846/1989 ରେ ସ୍ୱତନ୍ତ୍ର ଅଦାଲତଙ୍କର ଉକ୍ତ ଆଦେଶ ର ବୈଧତାକୁ ଚାଲେଞ୍ଜ କରିବାରେ ଆବେଦନକାରୀ ସଂଖ୍ୟା 1 ଙ୍କ ସହ ଯୋଗ ଦେଇଥିଲେ । ଏହି ମାମଲାର ବିଚାର କରୁଥିବା ବିଦ୍ୱାନ ଏକକ ବିଚାରପତି ଏହି ମତ ପୋଷଣ

କରିଥିଲେ ଯେ : ( 1) ଆବେଦନକାରୀମାନେ ଅଧିନିୟମର ଧାରା 17-A ଅନୁଯାୟୀ ଆକ୍ଷେପିତ ଆଦେଶକୁ ସମୀକ୍ଷା କରିବାର ସୁଯୋଗ ପାଇଥିଲେ; (2) ଯଦି ସେମାନେ ସ୍ୱତନ୍ତ୍ର ଅଦାଲତର ରାୟ ଦ୍ୱାରା ଅସନ୍ତୁଷ୍ଟ ଅନୁଭବ କରନ୍ତି, ତେବେ ସେମାନଙ୍କ ସ୍ୱତ୍ୱ ଏବଂ ଅଧିକାର ଘୋଷଣା ନିମିତ୍ତ ମକଦ୍ଦମା ଦାୟର କରିବାରେ କୌଣସି ପ୍ରତିବନ୍ଧକ ନାହିଁ; ଏବଂ (3) ମାମଲାର ଯୋଗ୍ୟତା ଉପରେ ସ୍ୱତନ୍ତ୍ର ଅଦାଲତର ରାୟ ଏହା ସମ୍ମୁଖରେ ରଖାଯାଇଥିବା ପ୍ରମାଣ ଆଧାରରେ ସମ୍ପୂର୍ଣ୍ଣ ନ୍ୟାୟସଙ୍ଗତ ଥିଲା, ସ୍ୱତନ୍ତ୍ର ଅଦାଲତରେ ନ୍ୟାୟିକ ଅଧିକାରିତାର କୌଣସି ଅଭାବ ନଥିଲା, ନଥିରେ ଥିବା ତଥ୍ୟରେ କୌଣସି ସ୍ପଷ୍ଟ ତ୍ରୁଟି ନଥିଲା ଏବଂ ପ୍ରାକୃତିକ ନ୍ୟାୟର ନୀତିଗୁଡ଼ିକର କୌଣସି ଉଲ୍ଲଙ୍ଘନ ମଧ୍ୟ ନଥିଲା ।

ବିଦ୍ୱାନ ଏକକ ବିଚାରପତିଙ୍କ ଉକ୍ତ ଆଦେଶକୁ ଉଚ୍ଚ ନ୍ୟାୟାଳୟଙ୍କର ଦୁଇଜଣିଆ ଖଣ୍ଡପୀଠଙ୍କ ସମ୍ମୁଖରେ ଆଜ୍ଞାଦେଶ ଆବେଦନ ସଂଖ୍ୟା 680/92 ରେ ପ୍ରଶ୍ନ କରାଯାଇଥିଲା ଯାହା ଉପରୋକ୍ତ ସିଦ୍ଧାନ୍ତକୁ ଦୋହରାଇଥିଲା ଏବଂ ଜୁଲାଇ 23,1992 ରେ ଆଜ୍ଞାଦେଶ ଆବେଦନକୁ ଖାରଜ କରିଦେଇଥିଲା । ସେହି ଆଦେଶ ବିରୁଦ୍ଧରେ ବର୍ତ୍ତମାନର ଆବେଦନକୁ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଦାଖଲ କରାଯାଇଛି ।

ଆମେ ଆବେଦନକାରୀଙ୍କ ପାଇଁ ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀ ପି. ଏସ୍. ମିଶ୍ର ଏବଂ ଉତ୍ତରଦାତାମାନଙ୍କ ପାଇଁ ଉପସ୍ଥିତ ଥିବା ବିଦ୍ୱାନ ବରିଷ୍ଠ ଅଧିବକ୍ତା ସୁଶ୍ରୀ କେ. ଅମରେଶ୍ୱରୀଙ୍କ ତର୍କକୁ ଶୁଣିଛୁ ।

ଆମେ ଗ୍ରହଣ କରିଥିବା ଦୃଷ୍ଟିକୋଣରେ, ମାମଲାର ଗୁଣବତ୍ତା ଉପରେ ଆମେ କୌଣସି ମତ ପ୍ରକାଶ କରିବାକୁ ପ୍ରସ୍ତାବ ଦେଉ ନାହୁଁ । ଏହା ଅନୁଧ୍ୟାନ କରିବା ପାଇଁ ଯଥେଷ୍ଟ ଯେ ଏହି ଅନୁଧ୍ୟାନ କରିବା ପରେ ଯେ ଆବେଦନକାରୀମାନେ ଅଧିନିୟମର ଧାରା 17 - A ଅନୁଯାୟୀ ସମୀକ୍ଷା ଉପରେ ପ୍ରତିକାର ଏବଂ ସ୍ୱତ୍ୱ ଏବଂ ଅଧିକାର ଘୋଷଣା ପାଇଁ ମକଦ୍ଦମାର ସୁବିଧା ଉଠାଇ ପାରିଥାନ୍ତେ, ଆମ ମତରେ , ବିଦ୍ୱାନ ଏକକ ବିଚାରପତି ମାମଲାର ଯୋଗ୍ୟତା ଉପରେ କୌଣସି ମତ ପ୍ରକାଶ କରିବା ଉଚିତ୍ ନୁହେଁ କାରଣ ଉଚ୍ଚ ନ୍ୟାୟାଳୟ ସ୍ୱତନ୍ତ୍ର ଅଦାଲତର ରାୟ ଏବଂ ଆଦେଶ ଉପରେ ଅନୁମୋଦନ ମୋହର ଦେବା ପରେ, ସମୀକ୍ଷା ଆବେଦନ ଏବଂ ମକଦ୍ଦମାର ଫଳାଫଳ ଏକ ପୂର୍ବ ସିଦ୍ଧାନ୍ତ ହେବ । ଆହୁରି, ମକଦ୍ଦମାର ପ୍ରତିକାର ସମ୍ବନ୍ଧରେ, ଅଧିନିୟମର ଧାରା 15 ସହିତ ଧାରା 8ର ଉପ-ଧାରା (2) ର ପ୍ରାବଧାନଗୁଡ଼ିକୁ ଦୃଷ୍ଟିରେ ରଖି, ପ୍ରଥମ

ଆବେଦନକାରୀଙ୍କ ଦ୍ୱାରା ଜବରଦଖଲ କରାଯାଇଥିବା ଜମି ବୋଲି ଅଭିଯୋଗ କରାଯାଉଥିବା ଜମି ସମ୍ବନ୍ଧରେ କୌଣସି ମକଦ୍ଦମାକୁ ଦେୱାନୀ ଅଦାଲତ ଦ୍ୱାରା ଗ୍ରହଣ କରାଯାଇପାରିବ ନାହିଁ । ଏହା ଉଲ୍ଲେଖ କରିବା ଉପଯୁକ୍ତ ହୋଇପାରେ ଯେ ଧାରା ୫ ର ଉପଧାରା ୫ ଅନୁଯାୟୀ ଯଦି କୌଣସି ମାମଲା, ଏକ ସ୍ୱତନ୍ତ୍ର ଅଦଳତାର ଗଠନ ପୂର୍ବରୁ ତୁରନ୍ତ କୌଣସି ଅଦାଲତ କିମ୍ବା ଅନ୍ୟ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ବିଚାରଧୀନ ଥାଏ , ଯାହା ଏପରି ସ୍ୱତନ୍ତ୍ର ଅଦାଲତର କ୍ଷେତ୍ରାଧିକାର ମଧ୍ୟରେ ରହିଥିବ, ତାହା ସ୍ୱତନ୍ତ୍ର ଅଦାଲତକୁ ସ୍ଥାନାନ୍ତରିତ ହୋଇଥିବ , ଯେପରିକି କାର୍ଯ୍ୟାନୁଷ୍ଠାନର କାରଣ ଯାହା ଉପରେ ମକଦ୍ଦମା କିମ୍ବା କାର୍ଯ୍ୟାନୁଷ୍ଠାନ ଆଧାରିତ, ତାହା ସ୍ୱତନ୍ତ୍ର ଅଦାଲତର ଗଠନ ପରେ ଉତ୍ପନ୍ନ ହୋଇଥିଲା । ଅନ୍ୟ ଶବ୍ଦରେ, ଆବେଦନକାରୀଙ୍କ ଦ୍ୱାରା ସ୍ୱତ୍ୱ ଘୋଷଣା ପାଇଁ ହୋଇଥିବା ମକଦ୍ଦମାକୁ ବଜାୟ ରଖାଯାଇ ପାରିବ ନାହିଁ । ଉପରୋକ୍ତ କାରଣଗୁଡିକ ପାଇଁ, ଆପତ୍ତି ଅଧୀନରେ ଥିବା ଏକକ ବିଚାରପତିଙ୍କ ଆଦେଶକୁ ନିଶ୍ଚିତ କରୁଥିବା ଦୁଇଜଣିଆ ଖଣ୍ଡପୀଠଙ୍କର ଆଦେଶକୁ ବାତିଲ କରିଦିଆଯାଏ, ଆଜ୍ଞାଦେଶ ଆବେଦନକୁ ଉଚ୍ଚ ନ୍ୟାୟାଳୟଙ୍କର ନଥିରେ ପୁନଃପ୍ରତିଷ୍ଠା କରାଯାଏ ଏବଂ ଆଇନ ଅନୁଯାୟୀ ଆଜ୍ଞାଦେଶ ଆବେଦନର ନୂତନ ନିଷ୍ପତ୍ତି ପାଇଁ ମାମଲାଟିକୁ ଉଚ୍ଚ ନ୍ୟାୟାଳୟଙ୍କ ନିକଟକୁ ପଠାଇ ଦିଆଯାଏ ।

ଏହା ଉଲ୍ଲେଖ କରିବାର ଆବଶ୍ୟକତା ନାହିଁ ଯେ ଆମେ ମାମଲାର ଯୋଗ୍ୟତା ଉପରେ କୌଣସି ମତ ପ୍ରକାଶ କରିନାହୁଁ ଏବଂ ଆଇନରେ ସେମାନଙ୍କ ପାଇଁ ଅନୁମତି ଥିବା ପରି ବିବାଦ ଉଠାଇବାକୁ ପକ୍ଷମାନଙ୍କ ପାଇଁ ଏଠାରେ ଦ୍ୱାର ଖୋଲା ରହିବ । ତଦନୁସାରେ ଆବେଦନକୁ ଅନୁମତି ଦିଆଯାଏ ।

ଆବେଦନକାରୀମାନଙ୍କ ପକ୍ଷରୁ ଉପସ୍ଥିତ ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀ ପି. ଏସ୍. ମିଶ୍ର ଉପଯୁକ୍ତ ପ୍ରତିକାର ପାଇଁ ଉଚ୍ଚ ନ୍ୟାୟାଳୟଙ୍କର୍ ଦ୍ୱାରସ୍ଥ ହେବାର ସ୍ୱାଧୀନତା ସହିତ ଆଜ୍ଞାଦେଶ ଆବେଦନକୁ ପ୍ରତ୍ୟାହାର କରିବାକୁ ଅନୁମତି ଲୋଡିଛନ୍ତି । ଏହି ଆଜ୍ଞାଦେଶ ଆବେଦନକୁ ପ୍ରତ୍ୟାହାର ବୋଲି ଦର୍ଶାଇ ଖାରଜ କରିଦିଆଯାଏ ।

ପକ୍ଷମାନେ ନିବେଦନ ତଥା ଆଜ୍ଞାଦେଶ ଆବେଦନରେ ସେମାନଙ୍କର ନିଜସ୍ୱ ଖର୍ଚ୍ଚ ବହନ କରିବେ ।

ଆର୍. ପି. ନିବେଦନ ମଞ୍ଜୁର ହେଲା ଏବଂ ଆବେଦନ ଖାରଜ ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।